## ସଂକ୍ଷେପରେ

### ୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୦।୯: ଅନୁଗୋଳ ଜିଲାରୁ ସୋମବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ୨୬୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅଁରପାଳ ବ୍ଲକରୁ ୨ ଜଣ ଚିହ୍ନଟ ହୋଇଥିବାବେଳେ ଅନୁଗୋଳ ପୌରାଞ୍ଚଳରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଦିନକରେ ୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

### ଯୁବକଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୦।୯(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ବରପାଲି ଗ୍ରାମର ଋତୁରାଜ ନାୟକଙ୍କୁ ସେହି ଗ୍ରାମର ଆର୍ତ୍ତ ନାୟକ ତାଙ୍କ ଭାଇ ଭରତ ନାୟକ, ବାପା ମଦନ ନାୟକ ରବିବାର ମାଡ଼ ମାରିଥିବା ସୋମବାର ଠାକୁରଗଡ ଥାନାରେ ଋତୁରାଜ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୩୫/୨୧ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଋତୁରାଜ ତାଙ୍କ ଘର ବାରଣ୍ଡାରେ ବସିଥିବାବେଳେ ଆର୍ତ୍ତ ତାଙ୍କ ଚପଲକୁ ଫିଙ୍ଗି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ଆର୍ତ୍ତ, ମଦନ, ଭରତଙ୍କ ସହ ମିଶି ତାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ନୂତନ ଶ୍ରେଣୀଗୃହ ନିର୍ମାଣ ଯାଞ୍ଚ



ବଇଣ୍ଡା,୨୦।୯(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା, ଇଚ୍ଛାପୁର, ହଣ୍ଡପା, ବିଲେଇନାଳି ହାଇସ୍କୁଲକୁ ସୋମବାର ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ଗସ୍ତରେ ଆସି ନିର୍ମାଣ ହେଉଥିବା ନୂତନ ଶ୍ରେଣୀଗୃହ କାର୍ଯ୍ୟ ଯାଞ୍ଚ କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ନିର୍ମାଣ ଚାଲିଥିବା ନୂତନ କୋଠରିର କାର୍ଯ୍ୟ କିଭଳି ହେଉଛି ତଦାରଖ କରିଥିଲେ। ଏହି ନିର୍ମାଣ କିଭଳି ଠିକ ଭାବେ ହେବ ସେ ନେଇ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ନିର୍ଦ୍ଧାରିତ ସମୟ ପୂର୍ବରୁ କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ପ୍ରଧାନଶିକ୍ଷକ ଉପେନ୍ଦ୍ର ପ୍ରଧାନ, କ୍ଷିତିଶ ରଞ୍ଜନ ଦେହୁରି, ମନୋରମା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### କୋଇଲା ପରିବହନ ସ୍ୱାଭାବିକ

କଣିହାଁ,୨୦।୯(ଡି.ଏନ.ଏ.): ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣିରୁ ଦୀର୍ଘ ୧୦ ବର୍ଷ ପରେ ରବିବାର ରାତିରୁ ଲୋକାଲ ସେଲକୁ ନେଇ କୋଇଲା ପରିବହନ ଆରମ୍ଭ ହୋଇଛି। ବିରୋଧ, ଦାବି, ଆପତ୍ତି, ବୁଝାମଣା ପ୍ରତିଶ୍ରୁତିକୁ ନେଇ ସୋମବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। କଣିହାଁ ଥାନା ଆଇଆଇସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି, ବ୍ୟକ୍ତିଗତ ସମସ୍ୟା ଓ ଗାଁ ସମସ୍ୟାକୁ ନେଇ ରବିବାର ଟ୍ରକ୍ ଚଳାଚଳରେ ସାମାନ୍ୟ ପ୍ରତିବନ୍ଧକ ଉପୁଜିଥିଲା। ଖଣି କର୍ତ୍ତୃପକ୍ଷ ଆଲୋଚନା ପରେ ଲୋକାଲ ସେଲ କୋଇଲା ବୋଝେଇ ଟ୍ରକ ଚଳାଚଳ ସ୍ୱାଭାବିକ୍ ହୋଇଛି। କ୍ଷତିଗ୍ରସ୍ତ ଅଞ୍ଚଳ ସହିତ ରାସ୍ତା ଉପରେ ଯାତାୟାତ କରୁଥିବା ପଥଚାରୀଙ୍କ କୌଣସି କ୍ଷତି ନ ହେବା ପାଇଁ ପୋଲିସ ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି।

### ୫୦ ୟୁନିଟ୍ ରକ୍ତ ସଂଗ୍ରହ

ବନ୍ତଲା, ୨୦।୯(ଡି.ଏନ୍.ଏ.): ଅନୁଗୋଳ ଜିଲା ପୋକତୁଙ୍ଗା ହାଇସ୍କୁଲ ପରିସରରେ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଲୁ ସାହୁଙ୍କ ନେତୃତ୍ୱରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବନେତା ଅରୁଣାଭ ସିଂ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ସରୋଜ ନାଏକ, ପ୍ରବୀଣ ସାମଲ ଉପସ୍ଥିତ ଥିଲେ। ଜିଲା ରକ୍ତ ଭଣ୍ଡାର ଡା. ସତ୍ୟବ୍ରତ ଯୋଶୀ, ରୁଦ୍ରମୋହନ ମାଝି, ହରିଶ ଜେନା, ରମେଶ ପାତ୍ର, ପଦ୍ମନାଭ ପ୍ରଧାନ, ଅଶୋକ ପ୍ରଧାନ, ରଣେଶ୍ୱର ମୁଖୀ, ସିପୁନ ବେହେରା ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ

କଣିହାଁ,୨୦।୯(ଡି.ଏନ.ଏ.): କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହାରା ଗ୍ରାମର ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ କଷ୍ଟୁ ବାଘ(୮୪)ଙ୍କ ସୋମବାର ପରଲୋକ ହୋଇଛି। ବୟସାଧିକ କାରଣରୁ ସେ କିଛିମାସ ହେଲା ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକକୁ ନେଇ କାକୁଡିଆ, କଣିହାଁ, ଡେରେଙ୍ଗ, ସମେତ ସ୍ଥାନୀୟ ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଛି।

# ଚିଠି କରି ଚୁପ୍



ଅନୁଗୋଳ ସହରର ଏକ ସ୍ଥାନରେ ଜମା ହୋଇଥିବା ଆବର୍ଜନା।

ଅନୁଗୋଳ ଅଫିସ, ୨୦।୯

- ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଉଛି ପୌରପାଳିକା
- ଠିକ୍ ଭାବେ ହୋଇପାରୁନି ସଫେଇ କାର୍ଯ୍ୟ
- ସହରବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ମାସକୁ ମାସ ଟଙ୍କା ନେଉଛି ଠିକା ସଂସ୍ଥା। କିନ୍ତୁ ଠିକ୍ ଭାବେ କରୁନି ସଫେଇ କାର୍ଯ୍ୟ। ଫଳରେ ସହରରୁ ହଟୁନି ଅଳିଆ। ଚାରିଆଡ଼େ ଗଦା ଗଦା ଆବର୍ଜନା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି ସହରବାସୀ। ଅଭିଯୋଗ ନେଇ ଯାଉଛନ୍ତି ପ୍ରଶାସନ ନିକଟକୁ। ଆନ୍ଦୋଳନ ପାଇଁ ଅନେକ ସମୟରେ ଦେଉଛନ୍ତି ଚେତାବନୀ। ହେଲେ ସମସ୍ୟାର ସମାଧାନ ଦିଗରେ ଦୃଢ଼ ପଦକ୍ଷେପ ନେବା ବଦଳରେ ଠିକା ସଂସ୍ଥାକୁ ଚିଠି କରି ଚୁପ୍ ବସିଯାଉଛନ୍ତି ପୌର କର୍ତ୍ତୃପକ୍ଷ। କେଉଁ କାରଣରୁ ଠିକା ସଂସ୍ଥା ପ୍ରତି ଏପରି ଅନୁକମ୍ପା ପ୍ରଦର୍ଶନ କରାଯାଉଛି, ତାହା ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନୁଗୋଳ ସହରରେ ଅଳିଆ ସମସ୍ୟା ନୂଆ ନୁହେଁ। ପୂର୍ବରୁ ଡମ୍ପିଂକୁ ନେଇ ବିବାଦ ଦେଖାଦେଉଥିଲା। ଅନେକ ଥର ପୋଲିସ ଓ ବିରୋଧ କରୁଥିବା ଗ୍ରାମବାସୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଥିଲା। ମାସ ମାସ ଧରି ସହରରୁ ଆବର୍ଜନା ଉଠିପାରୁ ନ ଥିଲା। ଦୀର୍ଘଦିନର ଉଦ୍ୟମ ପରେ ସମାଧାନର ବାଟ ଫିଟିଥିଲା। ହେଲେ ଏବେ ଡମ୍ପିଂକୁ ନେଇ ନୁହେଁ, ବରଂ ସଫେଇ ପାଇଁ ଟେଣ୍ଡର ନେଇଥିବା ଏକ ଠିକାସଂସ୍ଥାର ମନମାନି ହିଁ ସହରକୁ ଆବର୍ଜନାମୟ କରିଦେଉଥିବା ଅଭିଯୋଗ ହେଉଛି। କିଛିଦିନ ତଳେ ଉକ୍ତ ଠିକା ସଂସ୍ଥାର କେତେଜଣ କର୍ମଚାରୀଙ୍କ ବିରୋଧରେ ପୌର କର୍ତ୍ତୃପକ୍ଷ କିଛିଟା କଠୋର ଆଭିମୁଖ୍ୟ ଦେଖାଇଥିଲେ। କାର୍ଯ୍ୟରେ ଅବହେଳା ଓ ବିଭିନ୍ନ ଅନିୟମିତତା ଅଭିଯୋଗ ପାଇବା ପରେ ଠିକା ସଂସ୍ଥାକୁ କହି ସେମାନଙ୍କୁ କାର୍ଯ୍ୟରୁ ଦୂରେଇ ରଖିଥିଲେ। ଏପରି କି ଥାନାରେ ଏତଲା ମଧ୍ୟ ଦେଇଥିଲେ। କିନ୍ତୁ ଏହାର କୌଣସି ସୁ ପ୍ରଭାବ ଦେଖିବାକୁ ମିଳି ନ ଥିଲା। ବରଂ ସଫେଇ କର୍ମଚାରୀ ଓ ଠିକା ସଂସ୍ଥାର ଅସହଯୋଗ ସମସ୍ୟାକୁ ଅଧିକ ଜଟିଳ କରି ଦେଇଥିଲା। ଘନ ଘନ ବୈଠକ, ପ୍ରତିଶ୍ରୁତି ଓ ବାହାରୁ କର୍ମଚାରୀ ଆଣି ଆବର୍ଜନା ଉଠାଇବା ଆଦି ଅନେକ ପଦକ୍ଷେପ ପୌର ପ୍ରଶାସନକୁ ନେବାକୁ ପଡ଼ିଥିଲା। ଆବଶ୍ୟକତାକୁ ଦେଖି ସଫେଇ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରିବା ଓ ଅଳିଆକୁ ନେଇ ଯେପରି ଆଉ ସମସ୍ୟା ନ ହୁଏ, ସେ ଦିଗରେ ବିଭିନ୍ନ ସମୟରେ ପଦକ୍ଷେପ ପୌର କର୍ତ୍ତୃପକ୍ଷ ନେଉଥିଲେ ମଧ୍ୟ ସହର ସଫେଇ ଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ ସହରର ୨୩ଟି ୱାର୍ଡରେ ଗଦା ଗଦା ଆବର୍ଜନା ଦିନ ଦିନ ଧରି ସେମିତି ପଡ଼ିରହୁଥିବା ଦେଖିବାକୁ ମିଳୁଛି। ଆବର୍ଜନା ଡମ୍ପିଂ କରାଯିବା ପରିବର୍ତ୍ତେ ସେଥିରେ ନିଆଁ ଲଗାଇ ଠିକା ସଂସ୍ଥା ପରିବେଶକୁ କ୍ଷତି ପହଞ୍ଚାଉଛି। ସହରବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଉଛି। ସାପ୍ତାହିକ ହାଟ ପଛପାର୍ଶ୍ୱ, ଅମଲାପଡ଼ା, ଶିମିଳିପଡ଼ା, ହେମସୁରପଡ଼ା, ଶିକ୍ଷକପଡ଼ା, ମିଶ୍ରପଡ଼ା, ହାକିମପଡ଼ା ଆଦି ସ୍ଥାନରୁ ଅଳିଆ ଗଦା ହଟାଯାଉ ନ ଥିବାରୁ ସେଠାରେ ଘୁଷୁରି ପଲ ପଶି ଏକ ପ୍ରଦୂଷିତ ପରିବେଶ ସୃଷ୍ଟି କରୁଛନ୍ତି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରକୁ ସ୍ୱଚ୍ଛ କରିବାକୁ ଠିକା ସଂସ୍ଥା ଟେଣ୍ଡର ନେଇଥିବାବେଳେ ମାସକୁ ମାସ ଲକ୍ଷାଧିକ ଟଙ୍କା ପାଉଛି। କିନ୍ତୁ କାର୍ଯ୍ୟରେ ଏପରି ଅବହେଳା କରୁଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷ ଟେଣ୍ଡର ରଦ୍ଦ କରୁନାହାନ୍ତି। କେବେ କେମିତି ଚିଠି ମାଧ୍ୟମରେ କେବଳ ତାଗିଦ୍, ଚେତାବନୀ ଓ ଶେଷରେ କାରଣ ଦର୍ଶାଅ ନୋଟିସରେ କାର୍ଯ୍ୟାନୁଷ୍ଠାନ ଶେଷ କରିଦେଉଛନ୍ତି।

#### କାରଣ ଦର୍ଶାଅ ନୋଟିସ କରାଯାଉଛି



ସହରର ବିଭିନ୍ନ ସ୍ଥାନରେ ଅଳିଆ ଗଦା ହୋଇଥିବା ଅଭିଯୋଗ ଆସିଛି। ଏ ନେଇ ଠିକା ସଂସ୍ଥାକୁ ଚିଠି କରିବାକୁ ପରିମଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସହର ସଫେଇ କରିବାରେ ଯଦି ଠିକା ସଂସ୍ଥା ଅପାରଗ ବୋଲି ସ୍ପଷ୍ଟ ହେବ, ତେବେ ଟେଣ୍ଡର ରଦ୍ଦ କରାଯାଇ ନୂଆ ଟେଣ୍ଡର କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

#### ସହରବାସୀ ଜବାବ ଦେବେ



ସହରର ଉନ୍ନତୀକରଣ କରାଯାଉଛି। କିନ୍ତୁ ସହରବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରଶାସନ ପ୍ରଥମେ ପରିମଳ ବ୍ୟବସ୍ଥା ଉପରେ ଧ୍ୟାନ ଦେବା ଆବଶ୍ୟକ। ନଚେତ ଲୋକେ ପୌରପାଳିକାରେ ଚାଲିଥିବା ଠିକାଦାର ପୋସା ନୀତିର ଜବାବ ଦେବେ।

-ଗୋପାଳ ନାଥ, ବୁଦ୍ଧିଜୀବୀ

#### ଅସହଯୋଗ ପାଇଁ ଅସୁବିଧା



ଅନୁଗୋଳ ସହରର ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। ଠିକା ସଂସ୍ଥା ଓ ତାହାର କର୍ମଚାରୀମାନେ ସହଯୋଗ କରୁ ନ ଥିବାରୁ ବାରମ୍ବାର ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଠିକା ସଂସ୍ଥାକୁ ଅବଗତ କରାଯାଇଛି। ଆଗାମୀ ଦିନରେ ସୁଧାର ନ ଆସିଲେ ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ।

-ଦୁର୍ଯ୍ୟୋଧନ ବେହେରା, ପରିମଳ ଅଧିକାରୀ

#### ଗନ୍ଧରେ ନାକ ଫାଟିଯାଉଛି



ଅମଲାପଡ଼ାରେ ଗଦା ହୋଇଥିବା ଅଳିଆ ଗନ୍ଧରେ ନାକ ଫାଟିଯାଉଛି। ଉକ୍ତ ଅଞ୍ଚଳ ଦେଇ ଚଳପ୍ରଚଳ କରିବା କାଠିକର ପାଠ ହୋଇପଡ଼ୁଛି। ଅଭିଯୋଗ କଲେ ମଧ୍ୟ ପୌର ପ୍ରଶାସନ ତାହାର ପ୍ରତିକାର କରୁନାହିଁ। କେବଳ ମାଇକରେ ପ୍ରଚାର କରିଦେଲେ ସହର ସୁନ୍ଦର ହୋଇଯିବ ନାହିଁ, ଇଚ୍ଛାଶକ୍ତି ଆବଶ୍ୟକ।

-ରଞ୍ଜିତ କୁମାର ଜେନା, ସହରବାସୀ

# ଜଳସେଚନ ପ୍ରକଳ୍ପ ପାଇଁ ଦାବିପତ୍ର



କମିଟି ପକ୍ଷରୁ କିଶୋରନଗର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଇଣ୍ଡା,୨୦।୯(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ସୁରେଶ୍ୱରୀ ନାଳ ଉପରେ ନିର୍ମାଣ ହେବାକୁ ଥିବା ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବାରମ୍ବାର ଆନ୍ଦୋଳନ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଫଳରେ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ସୋମବାର ଜଳ ସମ୍ପଦ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କିଶୋରନଗର ବିଡିଓଙ୍କୁ ପ୍ରଦାନ କରାଯାଇଛି।

କମିଟି ପକ୍ଷରୁ କୁହାଯାଇଛି, ସୁରେଶ୍ୱରୀ ପାହାଡରୁ ବାହାରିଥିବା ଉକ୍ତ ନାଳକୁ ବାନ୍ଧି ବାମୁର, ଧଉରାପାଲି, ଜଏରାଟ, ଓସ୍କାପାଲି, କଦଳୀମୁଣ୍ଡା, ରଣିଆକଟା ଆଦି ୬ ପଞ୍ଚାୟତର ୧୦ ହଜାର ଏକର ଧାନ ଚାଷ ଜମିକୁ ପାଣି ମଡ଼ାଯିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଘୋଷଣା କରିଥିଲେ। ୨୦୦୪ରେ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ ପ୍ରକଳ୍ପର ଶୁଭ ଦେଇଥିଲେ। ୨୦୦୯ରେ ମୁଖ୍ୟମନ୍ତ୍ରୀ ୬ କୋଟି ଟଙ୍କା ଘୋଷଣା କରିଥିଲେ। ହେଲେ ଉକ୍ତ ପ୍ରକଳ୍ପ ନିର୍ମାଣରେ ବିଳମ୍ବ କରାଯାଉଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ଚାଷୀମାନେ ପ୍ରତ୍ୟେକ ବର୍ଷ ମରୁଡ଼ିର ସମ୍ମୁଖୀନ ହେଉଛନ୍ତି। ପ୍ରକଳ୍ପ ନିର୍ମାଣରେ ବିଳମ୍ବ ପ୍ରତିବାଦରେ କମିଟି ପକ୍ଷରୁ ୨୦୧୭ରେ ଓ ୨୦୧୯ରେ ଧାରଣା ଦିଆଯାଇଥିଲା। ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଏଯାଏ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ କାର୍ଯ୍ୟାରମ୍ଭ ହେଲେ ଆସନ୍ତା ଅକ୍ଟୋବର ୨୫ରୁ କିଶୋରନଗର ବ୍ଲକ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି କମିଟି ପକ୍ଷରୁ ସଭାପତି ଦିନବନ୍ଧୁ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ଅନନ୍ତ ଚରଣ ପ୍ରଧାନ, ରବୀନ୍ଦ୍ର ସାହୁ, ବାବାଜୀ ଚରଣ ପ୍ରଧାନ ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ରୌପ୍ୟଜୟନ୍ତୀ ପାଳିବ ରାମଚଣ୍ଡୀ ସେବା ସଂଘ

ଛେଣ୍ଡିପଦା, ୨୦।୯(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତର ରାମଚଣ୍ଡୀ ସେବାସଂଘ ପକ୍ଷରୁ ରବିବାର ପଥରନାଳରେ ନୂତନ କର୍ମକର୍ତ୍ତା ଚୟନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ସନ୍ତୋଷ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଶ୍ୟାମସୁନ୍ଦର ସାହୁ, ସମ୍ପାଦକ ସାରଦା ପ୍ରସନ୍ନ ସାହୁଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ସଂଘ ୨୫ ବର୍ଷରେ ପଦାର୍ପଣ କରିଥିବାରୁ ଅକ୍ଟୋବର ୨ରେ ରୌପ୍ୟ ଜୟନ୍ତୀ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅବସରରେ କୋଶଳାର ଅଧିଷ୍ଠାତ୍ରୀ ଦେବୀ ମା' ରାମଚଣ୍ଡୀ ମନ୍ଦିର ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇଥିଲା।

# ବିପଦ ଆଶଙ୍କା ବଢ଼ାଉଛି ଭଙ୍ଗା ପୋଲ



ଲଘୁଚାପ ବର୍ଷାରେ ବାଟଯୋର ଉପରେ ଥିବା ପୋଲ କ୍ଷତିଗ୍ରସ୍ତ ହୋଇଛି।

ବଇଣ୍ଡା,୨୦।୯(ଡି.ଏନ.ଏ.)

ଦୁଇବର୍ଷ ତଳେ ପୋଲର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ଏ ନେଇ ଅଭିଯୋଗ ପରେ କର୍ତ୍ତୃପକ୍ଷ ସାମାନ୍ୟ ମରାମତି କାର୍ଯ୍ୟ କରିଥିଲେ। ତେବେ ଗତ ଲଘୁଚାପଜନିତ ବର୍ଷାରେ ଉକ୍ତ ପୋଲ ପୁଣି କ୍ଷତିଗ୍ରସ୍ତ ହେବା ସହ ବିପଦ ଆଶଙ୍କା ସୃଷ୍ଟି କରୁଛି। ତେଣୁ କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ତୁରନ୍ତ ନୂତନ ପୋଲ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବାକୁ ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତର ବାଲିପଟା ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ପଞ୍ଚାୟତର କୁରୁମଟାପରୁ ମନ୍ଦରବାହଳ ବାଲିପଟା ଗ୍ରାମକୁ ସଂଯୋଗ କରିଥିବା ରାସ୍ତାରେ ବାଟଯୋର ଉପରେ ଏହି ପୋଲ ରହିଛି। ଏହା ଉପରେ କୁରୁମଟାପ, ବାଲିପଟା, ଦାମଦରପୁର, ମନ୍ଦରବାହାଳ ଆଦି ୬ଟି ଗ୍ରାମବାସୀ ନିର୍ଭର କରୁଛନ୍ତି। ଗତ ଲଘୁଚାପ ବର୍ଷାରେ ଏହା ପୁଣି ଭାଙ୍ଗିଯାଇଛି। ଫଳରେ ଏହି ଭଙ୍ଗା ପୋଲ ଉପରେ ଗ୍ରାମବାସୀ ଯାତାୟତ କରିବାକୁ ବାଧ୍ୟ ହେଉଛନ୍ତି। ତେବେ ବିପଦସଙ୍କୁଳ ପୋଲରେ ଯିବାକୁ ଅନେକ ସମୟରେ ଲୋକେ ଅମଙ୍ଗ ହେଉଛନ୍ତି। ଏହି ନାଳ ଉପରେ ଏକ ନୂତନ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ବହୁବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗଗନ ବିହାରୀ ସାହୁ, ସୁରମଣି କଅଁର, କୁବେର ସାହୁ, ଭୀଷ୍ମଚରଣ ସାହୁ, ସୁଗ୍ରୀବ ନାୟକ, ରଞ୍ଜନ କୁମାର ନାୟକ, ରଞ୍ଜନ ସାହୁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବିଡିଓ ସନ୍ତୋଷ କୁମାର ସାହୁ କହିଛନ୍ତି, ଏହି ପୋଲର ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ନୂତନ ପୋଲ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ।

# ସାଇ ସମ୍ପନ୍ନାଙ୍କୁ ପ୍ରଶଂସା ପତ୍ର

ଢେଙ୍କାନାଳ ଅଫିସ,୨୦।୯

ବୟସ ମାତ୍ର ୨ ବର୍ଷ ୬ମାସ। ହେଲେ ପ୍ରତିଭାର ପ୍ରଦର୍ଶନ କରି ସେ ଜିତିଛନ୍ତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପକ୍ଷରୁ ଏକ ପ୍ରଶଂସା ପତ୍ର ଓ ପଦକ। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଏତେ ଛୋଟ ବୟସରେ ନିଜ ସ୍ମରଣଶକ୍ତିର ପରିଚୟ ଦେଇଥିବା ଏହି ଶିଶୁଜଣକ ହେଲେ ଢେଙ୍କାନାଳ ବାଜିଚୌକ ଅଞ୍ଚଳର ବ୍ୟବସାୟୀ ନୃସିଂହ ପୃଷ୍ଟି ଓ ସ୍ୱର୍ଣ୍ଣଲକ୍ଷ୍ମୀ ସାହୁଙ୍କ ଏକମାତ୍ର ଶିଶୁକନ୍ୟା ସାଇ ସମ୍ପନ୍ନ ପୃଷ୍ଟି। ସେ ୧୦ଟି ପ୍ରାଣୀ ଓ ୧୦ଟି ରଙ୍ଗର ନାମ କହିବା ସହିତ ସେଗୁଡ଼ିକୁ ଚିହ୍ନଟ କରିପାରୁଛନ୍ତି। ସେହିପରି ୧୦ଟି ଫଳର ନାମ ସହ ଚିହ୍ନଟ, ଇଂଲିଶ ଓ ହିନ୍ଦୀରେ ୫ଟି ରାଇମ୍ସ, ଇଂଲିଶ ବର୍ଣ୍ଣମାଳାର ୨୬ଟି ଅକ୍ଷର ଏବଂ ଶବ୍ଦ, ୨ଟି ଶ୍ଳୋକ, ୪ଟି ହିନ୍ଦୀ ଓ ଓଡ଼ିଆ ଗୀତ ଏବଂ ଦୁଇକ ପଣିକିଆ, ୧ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ସ୍ପଷ୍ଟ ଭାବେ ଉଚ୍ଚାରଣ କରିପାରୁଛନ୍ତି। ଏହାକୁ ନେଇ ସାଇ ସମ୍ପନ୍ନାଙ୍କ ମାତାପିତା ବେଶ୍ ଖୁସି ଅଛନ୍ତି। ପରିବାର ସଦସ୍ୟଙ୍କ ପ୍ରେରଣା ଯୋଗୁ ସାଇସମ୍ପନ୍ନ ନିଜ ପ୍ରତିଭା ଦେଖାଇ ପାରିଥିବା ସାଇ ସମ୍ପନ୍ନାଙ୍କ ମାତାପିତା ପ୍ରକାଶ କରିଛନ୍ତି।




ଶିଶୁ ପ୍ରତିଭା ସାଇ ସମ୍ପନ୍ନା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ଅନୁଗୋଳ ଅଫିସ, ୨୦।୯

ଅଲ୍ ଇଣ୍ଡିଆ କିଷାନ କ୍ଷେତମଜଦୁର ସଙ୍ଗଠନ ଅନୁଗୋଳ ଜିଲା କମିଟି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ମରୁଡ଼ିର ସ୍ଥାୟୀ ପ୍ରତିକାର କରି ଚାଷଜମିକୁ ପାଣି ଯୋଗାଇଦେବା, ରବି ଫସଲ ପାଇଁ ଚାଷୀମାନଙ୍କୁ ବିନା ମୂଲ୍ୟରେ ବିହନ, ସାର, ଔଷଧ, ରିହାତିରେ କୃଷି ଉପକରଣ ଯୋଗାଇଦେବା, ଜିଲାର ଜଳସେଚନ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ଆଦି ଦାବିରେ ସଙ୍ଗଠନର ଜିଲା ସଭାପତି ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ଜିଲା ସମ୍ପାଦକ ସୁବାସ ପ୍ରଧାନ, ସଙ୍ଗଠକ ସଞ୍ଜୟ ସାହୁ, କୁମର ସାହୁ, ବେଣୁଧର ପ୍ରଧାନ, ନିର୍ମଳ ସାହୁ, ପରିବେଶବିତ୍ ପ୍ରମୋଦ ବେହେରା ଏବଂ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୭ ତାରିଖରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ଅନୁଗୋଳ ଜିଲାରେ ସମ୍ପୂର୍ଣ୍ଣ ସଫଳ କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ସଭାରେ ଘୋଷଣା କରାଯାଇଥିଲା।

# ମା' ଗୃହ ଉଦ୍‌ଘାଟିତ

ପାଲଲହଡ଼ା,୨୦।୯(ଡି.ଏନ.ଏ.)

ଜିଲା ଖଣିଜ ପାଣ୍ଠି ସହାୟତାରେ ପାଲଲହଡ଼ା ଉପଖଣ୍ଡର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ବିକଳ୍ପ ବିକାଶ ଓଡ଼ିଶା ଦ୍ୱାରା ପରିଚାଳିତ ହେବାକୁ ଥିବା ଜିଲାର ପ୍ରଥମ ମା' ଗୃହ ଉଦ୍‌ଘାଟିତ ହୋଇଯାଇଛି। ପାଲଲହଡ଼ା ବ୍ଲକର ନଗିରା, ବରଡିହ ପଞ୍ଚାୟତରେ ନବଜାତ ଶିଶୁ ମୃତ୍ୟୁହାର ରୋକିବା ଏବଂ ସୁରକ୍ଷିତ ମାତୃତ୍ୱ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏହି ଗୃହ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକ, ସିଡିଏମ୍‌ଓ ତ୍ରିଲୋଚନ ପ୍ରଧାନ ଯୋଗ ଦେଇଥିଲେ। ସଂସ୍ଥା ପରିଚାଳକ ସନ୍ତୋଷ କୁମାର ଦାସଙ୍କ ସହ ଅନ୍ୟମାନେ ସାମିଲ ଥିଲେ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ବିଧାୟକଙ୍କ ସହ ଅନ୍ୟ ଅତିଥିମାନେ।

# ଜମିହରାଙ୍କ ପିଲାଙ୍କୁ ନିଯୁକ୍ତି ଦାବି

ତାଳଚେର,୨୦।୯ (ନି.ପ୍ର.)

ତାଳଚେର ସାର କାରଖାନା (ବର୍ତ୍ତମାନର ଫର୍ଟିଲାଇଜର ଲିମିଟେଡ୍ ବା ଟିଏଫ୍‌ଏଲ୍)ର ଜମିହରା ପୂର୍ବତନ କର୍ମଚାରୀ ସଂଘ ପକ୍ଷରୁ ସୋମବାର ୮ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୨୦୦୨ ଡିସେମ୍ବର ୩୧ରେ ପୁରୁଣା କର୍ମଚାରୀଙ୍କୁ ପାଖାପାଖି ୨୦ ବର୍ଷ ଚାକିରି କାଳ ଭିତରେ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା। ଫଳରେ ସମ୍ପୃକ୍ତ କର୍ମଚାରୀ ତଥା ଜମିହରା ଲୋକମାନେ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ଚାକିରି ବୟସ ଅତିକ୍ରମ ହୋଇସାରିଥିବାରୁ ସେମାନଙ୍କ ବେକାର ପିଲାମାନଙ୍କୁ ନିଯୁକ୍ତି ଦେବାକୁ ବହୁବାର ପ୍ରଶାସନକୁ ନିବେଦନ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ବର୍ତ୍ତମାନ ଟିଏଫ୍‌ଏଲ୍‌ର ନିର୍ମାଣ କାର୍ଯ୍ୟ ସେମାନଙ୍କ ଜମି ଉପରେ ଚାଲୁଥିବାରୁ ସେମାନେ ଟିଏଫ୍‌ଏଲ୍ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ ଆଲୋଚନା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ସେମାନଙ୍କୁ ଡକାଯାଇ ନାହିଁ ବୋଲି ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ତେଣୁ ନିର୍ମାଣାଧୀନ ଟିଏଫ୍‌ଏଲ୍ ଏବଂ ସେଠାରେ ନିୟୋଜିତ ହୋଇଥିବା ବିଭିନ୍ନ କମ୍ପାନୀରେ ସେମାନଙ୍କ ପିଲାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କର୍ମନିଯୁକ୍ତି ଯୋଗାଇ ଦେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ଅରୁଣ କୁମାର ସିଂ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ଧୀର, ଉପସଭାପତି ଅଜୟ ପ୍ରକାଶ ଭୂତିଆ, କୋଷାଧ୍ୟକ୍ଷ ସୁଧାକର ନାଏକ, ସହ କୋଷାଧ୍ୟକ୍ଷ ସଞ୍ଜୀବ ରାଉତ, ଯୁଗ୍ମ ସଂପାଦକ ବିକାଶ ହୋତା, ଉପଦେଷ୍ଟା ହାଡିବନ୍ଧୁ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଧୀର, ପୁରୁଷୋତମ ସିଂ, କାର୍ଯ୍ୟ ନିର୍ବାହୀ ସଦସ୍ୟ ସୁଶାନ୍ତ ଖିଲାର, ମାନସ ନାଏକ, ସୁରେଶ ନାଏକ, ରାକେଶ ପ୍ରଧାନ, ହୃଦାନନ୍ଦ ସିଂ ଏବଂ ଧୀରେନ୍ଦ୍ର ଧୀର ପ୍ରମୁଖ ଉପସ୍ଥିତ ଥିଲେ।




ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଜମିହରାମାନେ।

